# ଟିପିଏସଓଡିଏଲ୍ କାର୍ଯ୍ୟାଳୟରେ ତାଲା ପକାଇଲା କଂଗ୍ରେସ

ପାରଳାଖେମୁଣ୍ଡି,୨୯ ।୧୨(ସମିସ):



ଜିଲ୍ଲା କଂଗ୍ରେସ ସଭାପତି ତଥା ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କ ନେତୃତ୍ୱରେ ବହୁ ସଂଖ୍ୟକ କଂଗ୍ରେସ କର୍ମୀ ଓ ନେତା ଟିପିଏସଓଡିଏଲ୍‌ର ମନମାନିକୁ ନେଇ ବିକ୍ଷୋଭ ଧାରଣା ଦେଇଛନ୍ତି । ୧୦ ଦଫା ଦାବି ପୁରଣକୁ ନେଇ ଗଜପତି ଜିଲ୍ଲା କଂଗ୍ରେସ ପକ୍ଷରୁ ପଦଯାତ୍ରା ବାହାରି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିରେ ଥିବା ଜିଲ୍ଲା ଟିପିଏସଓଡିଏଲ୍ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା । ସେଠାରେ ଟିପିଏସ୍ ଓଡିଏଲ୍‌ର ବ୍ୟାପକ ଅନିୟମିତତାକୁ ନେଇ ସ୍ଲୋଗାନ ଦିଆଯାଇ ବିକ୍ଷୋଭ ଧାରଣା ଦିଆଯାଇଥିଲା । ଏହାପରେ କଂଗ୍ରେସ ନେତା ମାନେ କାର୍ଯ୍ୟାଳୟର ଫାଟକରେ କିଛି ସମୟ ପାଇଁ ତାଲା ପକାଇଦେଇଥିଲେ । ଆଡିସିନାଲ ସିକ୍ୟୁରିଟି ଡିପୋଜିଟ୍ ନାମରେ ଗ୍ରାହକଙ୍କ ପାଖରୁ ଅଧିକ ଅର୍ଥ ଆଦାୟ କରିବା ପାଇଁ ଯେଉଁ ନୋଟିସ୍ ପଠାଯାଇଛି ତାହା ଓଡ଼ିଶା ସରକାରଙ୍କର ବିଦ୍ୟୁତ ଆଇନ ୨୦୦୩, ପରିବର୍ତ୍ତିତ ଆଇନ ୨୦୧୯ ଧାରା ୬୧ ଠାରୁ ଆରମ୍ଭ କରି ଆଇନ ୬୬ର ସଂପୂର୍ଣ୍ଣ ବିରୁଦ୍ଧାଚରଣ କରୁଛି ବୋଲି ଅଭିଯୋଗ କରାଯାଇଛି । ୟୁନିଟ ଦର ହ୍ରାସ କରିବା, ଆମ କୋଇଲା, ପାଣି ବ୍ୟବହାର କରି ଆମ ଗ୍ରାହକଙ୍କୁ କାହିଁକି ମାଗଣାରେ କିମ୍ବା ସୁଲଭ ମୂଲ୍ୟରେ ବିଜୁଳି ଦିଆଯାଉନଥିବା ଆଦିକୁ ନେଇ ସ୍ଲୋଗାନ ଦିଆଯାଇଥିଲା । ନୂଆବର୍ଷରୁ ରାଜ୍ୟ ସରକାର ଘରୋଇ ଉପଭୋକ୍ତାଙ୍କୁ ୩୦୦-୪୦୦ ୟୁନିଟ୍ ମାଗଣା ବିଜୁଳି ଯୋଗାଇ ଦେବା, କୃଷିକ୍ଷେତ୍ରରୁ ଦେୟ ସମ୍ପୂର୍ଣ୍ଣ ଛାଡ଼ କରାଯିବା ଆଦି ଦାବି ରଖିଛି କଂଗ୍ରେସ । ଯେ ପର୍ଯ୍ୟନ୍ତ ଏହି ଦାବି ପୂରଣ ନହୋଇଛି ସେପର୍ଯ୍ୟନ୍ତ କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଗମାଙ୍ଗ ଆହ୍ୱାନ ଦେଇଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ସଂଗ୍ରାମ ସାହୁ, ସୂର୍ଯ୍ୟ ନାରାୟଣ ପାତ୍ର, ପାର୍ଥ ରାଜ ପାଳ, ରାଜା ପାତ୍ର, ମାମାଲି କାର୍ଜି, ଈଶ୍ୱର ମାଝୀ, ଲକ୍ଷ୍ମଣ ବଳିଆର ସିଂହ, ମୀନ ମଣ୍ଡଳ, ଜାଖବ ରୋହିତ, ଲବ ସାହୁ, ସନ୍ତୁ ରଥ, ରାମ ଦଳେଇ , ବସନ୍ତ କୁମାର ପଣ୍ଡାଙ୍କ ସମେତ ଜିଲ୍ଲାର ସାତଟି ବ୍ଲକ୍‌ର ବହୁତ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

## ୮ ରୁ ମହେନ୍ଦ୍ରତନୟା ଉତ୍ସବ



ଗୋଷାଣି,୨୯ ।୧୨(ସମିସ): ଜିଲ୍ଲାସ୍ତରୀୟ ଗଜପତି ଉତ୍ସବ ପାଳନ ଅବସରରେ ଗୋଷାଣି ବ୍ଲକସ୍ତରୀୟ ମହେନ୍ଦ୍ରତନୟା ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ୍‌ର ଲୋକକଳା ଓ ସାଂସ୍କୃତିକ ଉତ୍ସବକୁ ସୁରୁଖୁରୁରେ ତୁଲାଇବା ପାଇଁ ବ୍ଲକ୍ ଅଧକ୍ଷ ଏନ୍. ବୀରରାଜୁଙ୍କ ଅଧକ୍ଷତାରେ ଗୋଷାଣି ବ୍ଲକ କାର୍ଯ୍ୟାଳୟର ସଭା ଗୃହରେ ପ୍ରସ୍ତୁତି ବୈଠକ ହୋଇଥିଲା । ଉକ୍ତ ବୈଠକରେ ବିଡିଓ ଗୌର ଚନ୍ଦ୍ର ପଟ୍ଟନାୟକ, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା ଜେନା, ଆକାଉଣ୍ଟାଣ୍ଟ ଗଜେନ୍ଦ୍ର ବେହେରା, ଜିପିଇଓ ଅଶୋକ କୁମାର ପାତ୍ର ଓ ଜିଲ୍ଲା ପରିଷଦ ସଭ୍ୟ ଏସ୍.ବାଲାରାଜୁ ମଞ୍ଚାସୀନ ଥିଲେ । ବୈଠକରେ ମହେନ୍ଦ୍ରତନୟା ଉତ୍ସବ ଆସନ୍ତା ଜାନୁୟାରୀ ମାସ ୮ ଓ ୯ ଦୁଇଦିନ ଧରି ଅନୁଷ୍ଠିତ ହେବା ପାଇଁ ସହମତି କ୍ରମେ ନିଷ୍ପତ୍ତି ହୋଇଛି । ପୁରାଣ ପ୍ରସିଦ୍ଧ ପବିତ୍ର ମହେନ୍ଦ୍ରଗିରିରୁ ମଶାଲ ଜ୍ୟୋତି ଅଣାଗଲା ପରେ ମାଛମରା ଛକ ଠାରୁ ଏହା ବ୍ଲକ ସଦରମହକୁମାକୁ ଅଣାଯାଇ ମହୋତ୍ସବ ଶୁଭାରମ୍ଭ କରାଯିବ । ଏଥିପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା । ଏହା ସହ ବ୍ୟୟ ଅଟକଳ ସମ୍ପର୍କରେ ମଧ ଆଲୋଚନା କରାଯାଇଥିଲା । ମହୋତ୍ସବରେ ବ୍ଲକର ବିଭିନ୍ନ ଅଞ୍ଚଳର କଳା ଓ ସଂସ୍କୃତି ପ୍ରଦର୍ଶନ ସହ ଜଣାଶୁଣା ତାରକା କଳାକାରଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିବେଷଣ କରାଯାଇ କିଭଳି ଅତ୍ୟନ୍ତ ଆକର୍ଷଣୀୟ ହୋଇପାରିବ ସେନେଇ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ବ୍ଲକ ବିଭାଗୀୟ ଅଧିକାରୀ, ସମସ୍ତ ଯନ୍ତ୍ରୀ, ପଞ୍ଚାୟତ ପ୍ରତିନିଧି, ପିଇଓ, ବ୍ଲକ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ଦୁଇଦିନିଆ ଉତ୍ସବରେ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳର କଳାକାର ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବାର ବ୍ଲକ ଅଧକ୍ଷ ଏନ୍.ବୀରରାଜୁ କହିଛନ୍ତି ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

କାଶୀନଗର,୨୯।୧୨(ସମିସ): ଗଜପତି ଜିଲ୍ଲା କାଶୀନଗର ବ୍ଲକ ହାଡ଼ଭଙ୍ଗି ପଞ୍ଚାୟତ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ ଓ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା ଯୋଗଦାନ କରି ହାଡ଼ଭଙ୍ଗି ପଞ୍ଚାୟତ ସମେତ, କିଡିଗାଁ, ଖରଡ଼ା ଓ କେ.ସିତାପୁର ପଞ୍ଚାୟତର ୪୨ ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୨୩ ଓ ଗ୍ରାମ ଭିତ୍ତିକ ସମସ୍ୟା ୧୯ ଅଭିଯୋଗ ଆସିଥିଲା । ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା, ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ଭଳି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସମୟରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡମ୍ବୁରୁଧର ମଲ୍ଲିକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମହମ୍ମଦ ମୁବାରକ ଅଲ୍ଲୀ, ତହସିଲଦାର,ସ୍ଥାନୀୟ ସମସ୍ତ ଜନପ୍ରତିନିଧି ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଓ ବ୍ଲକ୍ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।




## ଦୁଇ ଏକରର ଗଞ୍ଜେଇ ଗଛ ନଷ୍ଟ

ଜି.ଉଦୟଗିରି,୨୯ ।୧୨(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ପୁଲିସ, ବନ ବିଭାଗ, ଅବକାରୀ ବିଭାଗ ମିଳିତ ଚଢ଼ଉ କରି ଦୁଇ ଏକର ଜମିରେ ଚାଷ କରାଯାଉଥିବା ଗଞ୍ଜେଇ ଗଛକୁ ନଷ୍ଟ କରାଯାଇଛି । ଜି.ଉଦୟଗିରି ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏକ ଟିମ ଗଟାମାହା ଗ୍ରାମର ନିକଟ ଜଙ୍ଗଲ ନିକଟରୁ ଦୁଇ ଏକର ଜମିରେ ଲଗା ଯାଇଥିବା ଗଂଜେଇ ଗଛକୁ କାଟି ପୋଡି ନଷ୍ଟ କରିଦେଇଥିଲେ । ପୁଲିସ ଏନ୍‌ଡିପିଏସ୍ ଧାରାରେ ମାମଲା ରୁଜୁ କରିଛି । ଗୋଟିଏ ପଟେ ଜିଲ୍ଲାରେ ଗଞ୍ଜେଇ ଚାଷ ନ କରିବାକୁ ପରାମର୍ଶ ଦିଆଯିବା ସହ ସଚେତନ କରାଯାଉଥିଲେ ମଧ ଚାଷ କମୁନଥିବା ଅଭିଯୋଗ ହେଉଛି ।

## କୁଇ କବିତା ଆସର



ଜି.ଉଦୟଗିରି,୨୯।୧୨(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିଖିଳ ଉତ୍କଳ କୁଇ ସମାଜ ୟୁନିଅନ ତରଫରୁ ରାଇକଲା ମହାନାଯୁରେ କୁଇ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ସଭାପତି ବାସୁଦେବ ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧକ୍ଷା ସୁଷମା ପ୍ରଧାନ ଓ ମୁଖ୍ୟବକ୍ତା ଭାବେ ଭାସ୍କର ପ୍ରଧାନ ଯୋଗ ଦେଇଥିଲେ । କବିତା ଆସରରେ ମାୟାବନ୍ଧୁ ପ୍ରଧାନ, ଜ୍ଞାନ ଚନ୍ଦ୍ର ପ୍ରଧାନ, ଅଭିମନ୍ୟୁ ପ୍ରଧାନ, ଭୀମସେନ ପ୍ରଧାନ, ଉଦେଶନ ପ୍ରଧାନ, ଉମେଶ ଚନ୍ଦ୍ର ପ୍ରଧାନ, ବିଯେନ୍ଦ୍ର ପ୍ରଧାନ, ଆମନ୍ ପ୍ରଧାନ, ରାଜକିଶୋର ପ୍ରଧାନ, ମଝିରା ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, କୃତିବାସ ପ୍ରଧାନ, ବିସର୍ବା ପ୍ରଧାନ, ସମ୍ପାଦକ କାମଦେବ ପ୍ରଧାନ ଓ ଉପ ସଭାପତି ଗଙ୍ଗାଧର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ବିଭିନ୍ନ ସ୍ଥାନରୁ ଶତାଧିକ କବି ଯୋଗ ଦେଇଥିଲେ । ବିଶ୍ୱନାଥ ପ୍ରଧାନ, ବିଶାର୍ବା ପ୍ରଧାନ , ଉଦ୍ୟନାଥ ପ୍ରଧାନ, ଦୀନବନ୍ଧୁ କହଁର, ଲଙ୍କେଶ୍ୱର୍ ପ୍ରଧାନ , ଗାଞ୍ଜା ପ୍ରଧାନ , ଦନରା ପ୍ରଧାନ, ଶ୍ରୀକାନ୍ତ ପ୍ରଧାନ, ପୁନିଆ ପ୍ରଧାନ, ଭୀମସେନ ପ୍ରଧାନ, ରାଜକିଶୋର ପ୍ରଧାନ, ଉମେଶ ଚନ୍ଦ୍ର ପ୍ରଧାନ, ମୋନିଦା ରାଣୀ ପ୍ରଧାନ ଓ ଦୀନବନ୍ଧୁ ପ୍ରଧାନ ପ୍ରମୁଖ କବି ଯୋଗ ଦେଇ କୁଇ କବିତା ପାଠ କରିଥିଲେ ।

■ ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଟାଇବ୍ରେକରରେ ଲାଇଯୋଡ଼ି ଚାମ୍ପିଅନ




ଟିକାବାଲି,୨୯।୧୨(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ୍ ପାବୁରିଆ ହାଇସ୍କୁଲ ଖେଳ ପଡିଆରେ ମା ଭଗବତୀ କ୍ରୀଡ଼ା ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ୧୦ମ ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି । ରୋମାଞ୍ଚକର ଫାଇନାଲ ମ୍ୟାଚରେ ଜେଏମ୍ ଏସ୍‌ଏଫ୍‌ସି, ଲାଇଯୋଡି ଦଳ ବୁଢ଼ାଦାନା ଦଳକୁ ହରାଇ ଚାମ୍ପିଆନ ହୋଇଛି ।

ଫାଇନାଲ ମ୍ୟାଚ ଜେଏମ୍‌ଏସ୍‌ଏଫ୍‌ସି, ଲାଇଯୋଡ଼ି ଏବଂ ବୁଢ଼ାଦାନୀ ଏଫ୍‌ସିସି ମଧ୍ୟରେ ହୋଇଥିଲା । ଉଭୟ ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ କଡ଼ା ସଂଘର୍ଷ କରିଥିଲେ ମଧ କେହି କାହାକୁ ଗୋଲ୍ ଦେବାରେ ସଫଳ ହୋଇନଥିଲେ । ପରେ ଫଳାଫଳ ପାଇଁ ଟ୍ରାଇ ବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ ଲାଇଯୋଡି ଦଳ ୪-୨ ଗୋଲରେ ବୁଢାଦାନୀକୁ ପରାସ୍ତ କରି ଚାମ୍ପିଅନ ଟ୍ରଫି ହାତେଇଥିଲା । ମୁଖ୍ୟ ରେଫରୀ ଭାବେ କାମାକ୍ଷ ପ୍ରସାଦ ପ୍ରଧାନ, ରଘୁନାଥ କହଁର, ଶଶାଙ୍କ ଶେଖର ପ୍ରଧାନ ଏବଂ ଅମୀୟ ରଞ୍ଜନ ବୁର୍ଗୀ ଖେଳ ପରିଚାଳନା କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ପଣ୍ଡିତ୍ ବିଶିମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଟିକାବାଲି ବ୍ଲକ୍ ଅଧକ୍ଷ ଦିଲୀପ କହଁର, ସ୍ଥାନୀୟ ସରପଞ୍ଚ ସଞ୍ଜୟ ନାୟକ, ପ୍ରତାପ ପ୍ରଧାନ ଏବଂ ଅର୍ପନା କହଁର ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ବିଜେତା ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ଏବଂ ଉପବିଜେତା ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା । ପରିଷଦର ସଭାପତି ଗୋପାଳ କୃଷ୍ଣ ନାୟକ, ଉପସଭାପତି ଧନେଶ୍ୱର ପ୍ରଧାନ, ସମ୍ପାଦକ ଦିଲୀପ କୁମାର ବେହେରା, ସହସମ୍ପାଦକ ଅମୀୟ ରଞ୍ଜନ ବୁର୍ଗୀ ଏବଂ କୋଷାଧକ୍ଷ ପ୍ରଣୟ ରଞ୍ଜନ ବୁର୍ଗୀ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହାସହ ଶ୍ରବଣ ପ୍ରଧାନ, ଦେବାଶିଷ ନାୟକ, ଉମେଶ ପ୍ରଧାନ, ପ୍ରକାଶ ଚନ୍ଦ୍ର ନାୟକ, କୁମରମଣି ଦିଗାଳ, ପ୍ରକାଶ ଦେହୁରୀ, ଜ୍ୟୋତିଷ ଚନ୍ଦ୍ର ନାୟକ, ଗଙ୍ଗାଧର ଦେହୁରୀ, ଉଦୟ ନାଥ ନାୟକ, ସାମନ୍ତ ନାୟକ, ଅକ୍ଷୟ କୁମାର ଦେହୁରୀ, ପ୍ରତ୍ୟୁଷ ରଞ୍ଜନ ବୁର୍ଗୀ, ସାଗର ବେହେରା, ଆଶିଷ ରଞ୍ଜନ ବୁର୍ଗୀ, ମାନସ ରଞ୍ଜନ ନାୟକଙ୍କ ସମେତ ଅନେକ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

## ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତା

ପାରଳାଖେମୁଣ୍ଡି,୨୯ ।୧୨(ସମିସ): ପୁରୀ ବାଲିଘାଇ ହରିହରାନନ୍ଦ ଗୁରୁକୁଳ ସ୍ଥିତ ପ୍ରଜ୍ଞାନ ମିଶନ ତରଫରୁ ଆୟୋଜିତ ଓଡ଼ିଶା ରାଜ୍ୟସ୍ତରୀୟ ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତାରେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ପ୍ରଣତି ଚୌଧୁରୀଙ୍କୁ ସ୍ୱତନ୍ତ୍ର ସ୍ୱାନ୍ତନାମୂଳକ ପୁରସ୍କାର ପାଇ ଗଜପତି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ସେ ଏହି ପୁରସ୍କାର ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଠାରୁ ପାଇଥିବା ବେଳେ ଏଥି ସହିତ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ପ୍ରଣତି ଚୌଧୁରୀଙ୍କ ଏପରି କୃତୀତ୍ୱକୁ ନେଇ ପାରଳାଖେମୁଣ୍ଡି ସ୍ଥିତ ବାଳ ମୁକୁନ୍ଦ କେନ୍ଦ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଏବଂ ବିଭନ୍ନ ଆଧାତ୍ମିକ ଅନୁଷ୍ଠାନ ଶୁଭେଚ୍ଛା ଜଣାଇଛନ୍ତି ।




## ଟୁନା ଦାସ ହେଲେ ବିଜେଡି ଜିଲ୍ଲା ଉପସଭାପତି



ବାଲିଗୁଡ଼ା,୨୯।୧୨(ସମିସ): ଟୁନା ଦାସ କନ୍ଧମାଳ ଜିଲ୍ଲା ବିଜୁ ଜନତା ଦଳ ଜିଲ୍ଲା ଉପ ସଭାପତି ନିଯୁକ୍ତ ହୋଇଛନ୍ତି । ଏ ସମ୍ପର୍କରେ ବିଧିବଧ ଭାବେ ତାଲିକା ଘୋଷଣା କରିଛନ୍ତି ବିଜୁ ଜନତା ଦଳର ସୁପ୍ରିମ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । କନ୍ଧମାଳ ଜିଲ୍ଲାର ତିନୋଟି ବିଧାନସଭା ମଣ୍ଡଳୀ ଥିବାବେଳେ ବର୍ତ୍ତମାନ କିଛି ନୂତନ ନେତୃତ୍ୱରେ ତାଲିକା ଘୋଷଣା କରିଛନ୍ତି ବିଜେଡି ସୁପ୍ରିମୋ । ଜିଲ୍ଲାର ଜଣେ ସଂଗଠକ ଓ ବ୍ଲକରେ ଅନେକ ଦାୟିତ୍ୱ ତୁଲାଇ ଆସିଛନ୍ତି ଶ୍ରୀଦାସ । ବାଲିଗୁଡ଼ା ନିର୍ବାଚନମଣ୍ଡଳୀ ସଂଯୋଜକ ଭାବେ ଦାୟିତ୍ୱ ଭାର ସହିତ ପୁଣି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଥିଲେ । ତତ୍‌ସହିତ ସାଧାରଣ ନିର୍ବାଚନ ସମୟରେ ଅନ୍ୟ ଜିଲ୍ଲାର ଦାୟିତ୍ୱ ମଧ ତୁଲାଇଛନ୍ତି । ଚଳିତ ବର୍ଷର ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପୂର୍ବରୁ ତାଙ୍କୁ କନ୍ଧମାଳ ଜିଲ୍ଲାର ଉପ ସଭାପତି ଦାୟିତ୍ୱ ଦେଇଛନ୍ତି ଦଳମୁଖ୍ୟ ନବୀନ ପଟ୍ଟନାୟକ ।

## ଶାଶୂ ହତ୍ୟାକାରୀ ଜ୍ୱାଇଁ ଗିରଫ

ବାଲିଗୁଡ଼ା,୨୯।୧୨(ସମିସ): କନ୍ଧମାଳ ଜିଲ୍ଲା କ.ନୂଆଗାଁ ଥାନା ସିର୍ତ୍ତିଗୁଡ଼ା ଶାଶୂ ହତ୍ୟାକାରୀ ଯୁବକକୁ ପୁଲିସ ଗିରଫ କରିଛି । ୨୭ ତାରିଖ ଦିନ ଗ୍ରାମରେ ସ୍ତ୍ରୀ ତିଳତି ପ୍ରଧାନ ସହ ସ୍ୱାମୀ ସୁରତ ପ୍ରଧାନ (୩୭)ଙ୍କ କୌଣସି କାରଣରୁ ବଚସା ହୋଇଥିଲା । ଏହା ଉଗ୍ରରୂପ ଧାରଣ କରଥିଲା । ଶାଶୂ ପେଟି ମଲ୍ଲିକ (୮୦) ଜ୍ୱାଇଁକୁ ବିରୋଧ କରିଥିବାବେଳେ ଜ୍ୱାଇଁ ଟାଙ୍ଗିଆରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା । ପେଟି ମଲ୍ଲିକ ଗୁରୁତର ହୋଇପଡ଼ିବାରୁ ପରିବାର ଲୋକେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ବୃଦ୍ଧାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଏ ସମ୍ପର୍କରେ କ.ନୂଆଗାଁ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଅଶୋକ କୁମାର ହାଁସଦା ପ୍ରକାଶ କରିଥିଲେ । ପୁଲିସ ତଦନ୍ତ କରି ଫେରାର ଥିବା ଆସାମୀ ସୁରତ ପ୍ରଧାନକୁ ଗିରଫ କରିବାରେ ସକ୍ଷମ ହୋଇଛି । ଅଭିଯୁକ୍ତ ଅନ୍ତ ରାଜ୍ୟକୁ ଖସି ପଳାଇବା ନିମନ୍ତେ ବାଲିଗୁଡା ବସଷ୍ଟାଣ୍ଡରୁ ଯିବା ପାଇଁ ଉଦ୍ୟମ କରୁଥିବା ବେଳେ ପୁଲିସ କାବୁ କରି ଆଜି କୋର୍ଟ ଚାଲାଣ କରିଥିବା କ.ନୂଆଗାଁ ଥାନା ଅଧିକାରୀ ଅଶୋକ ହାଁସଦା କହିଛନ୍ତି ।



## ଦୁର୍ଘଟଣାରେ ମହିଳା ମୃତ, ୨ ଆହତ

ପାରଳାଖେମୁଣ୍ଡି,୨୯ ।୧୨(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ସାତମାଇଲ ଗ୍ରାମ ଛକ ନିକଟରେ ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ଆହତ ହୋଇଥିବା ଜଣାପଡ଼ିଛି । ଦୁଇ ଆହତଙ୍କ ମଧ୍ୟରୁ ଜଣେ ଗୁରୁତର ରହିଛନ୍ତି । ଘଟଣାରୁ ପ୍ରକାଶ ଯେ, ନୂଆଗଡ ବ୍ଲକ ମାଣିକପାଟଣା ଗ୍ରାମର ଜହନ ରଇତ ପଛରେ ଜଣେ ଯୁବତୀ ବସି ନିଜ ଗ୍ରାମ ଅଭିମୁଖେ ଯାଉଥିଲେ । ଏହି ସମୟରେ ଆର୍.ଉଦୟଗିରି ବ୍ଲକ ପୁଟୁରୁପଡା ଗ୍ରାମର ଜିକରିଆ ଶବର (୨୦) ପ୍ରିୟଙ୍କା ଶବର (୨୪) ଏବଂ ଜଣେ ଯୁବତୀ ବାଇକରେ ନିଜ ଗ୍ରାମ ଅଭିମୁଖେ ଯାଉଥିଲେ । ଉଭୟ ବାଇକ ରାୟଗଡ ଅଭିମୁଖେ ଯାଉଥିବା ସମୟରେ ସାତମାଇଲ ଗ୍ରାମ ନିକଟରେ କୌଣସି କାରଣରୁ ଦୁର୍ଘଟଣା ଘଟି ଜିକରିୟ ଚଳାଉଥିବା ଗାଡିଟି ଜହନ ରଇତଙ୍କ ବାଇକ ଉପରେ ପଡିଯାଇଥିଲା । ଜିକରିୟଙ୍କ ଗାଡିରେ ବସିଥିବା ପ୍ରିୟଙ୍କା ଛିଟିକି ପଡିବାରୁ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଦୁର୍ଘଟଣାକୁ ନେଇ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ ମଧ ପହଞ୍ଚି ନଥିଲା । ଇତି ମଧ୍ୟରେ ଗୁରାଣ୍ଡି ପୁଲିସ୍ ଖବର ପାଇ ପହଞ୍ଚିଥିଲା । ପ୍ରାୟ ୩୦ ମିନିଟ ପରେ ଉଭୟ ପୁଲିସ ଓ ସ୍ଥାନୀୟ ଲୋକେ ମିଶି ପାରଳାଖେମୁଣ୍ଡି ଅଭିମୁଖେ ଆସୁଥିବା ଅନ୍ୟଏକ ଆମ୍ବୁଲାନ୍ସକୁ ଅଟକାଇ ଗୁରୁତରଙ୍କୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଜିକରିୟଙ୍କ ଅବସ୍ଥା ଗୁରୁତର ଥିବାବେଳେ ଜହନଙ୍କୁ ସାମାନ୍ୟ ଆଘାତ ଲାଗିଛି । ସେହିପରି ଉଭୟ ବାଇକରେ ବସିଥିବା ଯୁବତୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଘଟଣାକୁ ନେଇ ଗୁରାଣ୍ଡି ଥାନାରେ ମାମଲା ରୁଜୁ ହେବା ସହ ତଦନ୍ତ ଜାରୀ ରହିଥିବାର ଥାନା ସୂତ୍ରରୁ ପ୍ରକାଶ ।

## କାଶୀନଗର ଏନ୍‌ଏସି ଉପାଧକ୍ଷ ପଦରୁ ରଘୁରାମ ସାହୁ ବହିଷ୍କୃତ




କାଶୀନଗର,୨୯।୧୨(ସମିସ): ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୨୪ତାରିଖରେ ଜାରି ନୋଟିସ୍ ଆଧାରରେ କାଶୀନଗର ଏନ୍‌ଏସି ୧୧ୱାର୍ଡର କାଉନସିଲର ତଥା ଉପାଧକ୍ଷ ରଘୁରାମ ସାହୁଙ୍କୁ ପଦୁ ବହିଷ୍କାର କରାଯାଇଥିବା ଜଣାପଡ଼ିଛି । ସେ ଓଡ଼ିଶା ମ୍ୟୁନିସିପାଲ ଆଇନର ଅବମାନନା କରି ଏମ୍‌ପି ଲାଡ୍ ପାଣ୍ଠିରୁ ସ୍ଥାନୀୟ ଶ୍ରୀରାମ ଡିଗ୍ରୀ କଲେଜର ଶ୍ରେଣୀଗୃହ ନିର୍ମାଣ ପାଇଁ ଠିକା ନେଇଥିବା ଅଭିଯୋଗ ହୋଇଥିଲା । ଅଭିଯୋଗକାରୀ ତଥା ୧୧ନଂ ୱାର୍ଡ ପାଇଁ ବିଜେପି ଟିକେଟର ପ୍ରତିଦ୍ୱନ୍ଦ୍ୱିତା କରିଥିବା ପ୍ରାର୍ଥୀ ଦଶିରୀଙ୍କି ରାମାରାଓ ମ୍ୟୁନିସିପାଲ୍ ପ୍ରଶାସନର ନିର୍ଦ୍ଦେଶକଙ୍କୁ ଜଣାଇଥିଲେ ଯେ, ମନୋନୟନ ପତ୍ର ଦାଖଲ ବେଳେ ରଘୁରାମ ସାହୁ ଏନ୍‌ଏସି ସହିତ ଚୁକ୍ତିନାମା ଜରିଆରେ ଠିକାଦାରୀ ପ୍ରତ୍ୟକ୍ଷ ଆଗ୍ରହ ହାସଲ ସହ ଜଡ଼ିତ ଭଳି ବିଷୟ ଲୁଚାଇଥିଲେ । ୨୦୨୨ ମସିହା ମାର୍ଚ୍ଚ ୭ ତାରିଖରେ ସେ ୧୧ନଂ ୱାର୍ଡ କାଉନସିଲ ପ୍ରାର୍ଥୀ ଭାବେ ମନୋନୟନପତ୍ର ଦାଖଲ କରିଥିଲେ । ୨୪ ତାରିଖରେ ନିର୍ବାଚନ ହୋଇଥିଲା । ୨୬ ତାରିଖରେ ସେ ଉପାଧକ୍ଷ ନିର୍ବାଚିତ ହୋଇଥିଲେ । ଏମ୍‌ପି ଲାଡ ପାଣ୍ଠିରୁ ୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା କାଶୀନଗର ଶ୍ରୀରାମ ଡିଗ୍ରୀ କଲେଜ ଶ୍ରେଣୀଗୃହ ନିର୍ମାଣ ପାଇଁ ୨୦୨୨ ମସିହା ଜାନୁଆରୀ ୩ ତାରିଖରେ ତାଙ୍କୁ କାର୍ଯ୍ୟାଦେଶ ମିଳିଥିଲା । ସେ ଜୁନ୍ ୧୦ ତାରିଖରେ କାର୍ଯ୍ୟ ଆରମ୍ଭ କରିଥିଲେ । ସେତେବେଳକୁ ସେ ଉଭୟ କାଉନସିଲର ଓ ଉପାଧକ୍ଷ ନିର୍ବାଚିତ ହୋଇ ସାରିଥିଲେ । ନିର୍ବାଚିତ ହେବା ପରେ ବି ସେ ଏନ୍‌ଏସି ସହିତ ଠିକାଦାରୀ କରିଥିବା ଚୁକ୍ତି ବାତିଲ କରିନଥିଲେ । ତେଣୁ ଉପାଧକ୍ଷ ସାହୁଙ୍କୁ ଅଯୋଗ୍ୟ ଘୋଷଣା କରିବା ସକାଶେ ଅଭିଯୋଗକାରୀ ଅନୁରୋଧ କରିଥିଲେ । ଅଭିଯୋଗକୁ ଭିତ୍ତି କରି ଚଳିତ ବର୍ଷ ଜୁନ୍ ୩୦ ତାରିଖରେ ଓଡ଼ିଶା ସରକାର ଉଲ୍ଲିଖିତ ବିଭାଗ ଜରିଆରେ କାରଣ ଦର୍ଶାଅ ନୋଟିସ୍ ଜାରି ପୂର୍ବକ କୈଫିୟତ ତଲବ କରିଥିଲେ । ୨୧ ଦିନ ଭିତରେ କୈଫିୟତ ଦାଖଲ ପାଇଁ ସାହୁଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । କୈଫିୟତ ପ୍ରଦାନ ନିମନ୍ତେ ଅଧିକ ଏକ ମାସ ସମୟ ଦେବା ସକାଶେ ସାହୁ ଅନୁରୋଧ କରିଥିଲେ । ପ୍ରଚଳିତ ଆଇନରେ ଏଥିପାଇଁ ବ୍ୟବସ୍ଥା ନାହିଁ ବୋଲି ୨୪ ଜୁଲାଇରେ ତାଙ୍କୁ ଉଲ୍ଲିଖିତ ବିଭାଗ ପକ୍ଷରୁ ଚିଠିରେ ଜଣାଇଦିଆ ଯାଇଥିଲା । ତଥାପି ଉପାଧକ୍ଷ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନଥିଲେ । ଓଡ଼ିଶା ମ୍ୟୁନିସିପାଲ ଆକ୍ଟ- ୧୯୫୦ର ସେକ୍ସନ ୩୮- ଏ ଦ୍ୱାରା ପ୍ରାପ୍ତ କ୍ଷମତା ଅନୁଯାୟୀ ରଘୁରାମ ସାହୁଙ୍କୁ ଉଭୟ ୧୧ ନମ୍ବର ୱାର୍ଡ କାଉନସିଲର୍ ଓ ଉପାଧକ୍ଷ ପଦବୀରୁ ବହିଷ୍କାର କରାଗଲା ବୋଲି ନୋଟିଫିକେସନରେ ଉଲ୍ଲେଖ ରହିଛି । ନୋଟିଫିକେସନର ଏକ ନକଲ ବହିଷ୍କୃତ ଉପାଧକ୍ଷଙ୍କୁ ଦେବା ପାଇଁ ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି । ଏହାକୁ ନେଇ ସାହୁଙ୍କ ପ୍ରତିକ୍ରିୟା ମିଳିନାହିଁ ।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ

ପାରଳାଖେମୁଣ୍ଡି,୨୯।୧୨(ସମିସ):




ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦଘାଟିତ ହୋଇଛି । ଉଦଘାଟନ ସମାରୋହରେ ସମ୍ମାନିତ ଅତିଥି ଭାବରେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ ଓ

### ମତ୍ସ୍ୟ ଓ ଛେଳି ଚାଷ କରିବାକୁ ଆହ୍ୱାନ

ଜିଲ୍ଲାପରିଷଦ ଅଧକ୍ଷ ଜି.ତିରୁପତି ରାଓ ଯୋଗ ଦେଇ ଉଦଘାଟନ କରିଥିଲେ । ଗଜପତି ଜିଲ୍ଲାରେ ମତ୍ସ୍ୟ ଉତ୍ପାଦନ ଭଲ ରହିଛି । ସେହିପରି ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଗୁଡିକରେ ଜନସାଧାରଣ କିପରି ଅଧିକ ଲାଭବାନ ହୋଇପାରିବେ ସେଥିନିମନ୍ତେ ମଧ ପଞ୍ଚାୟତ ଠାରୁ ଆରମ୍ଭ କରି ଜିଲ୍ଲାସ୍ତରୀୟ ପର୍ଯ୍ୟନ୍ତ ବିଭିନ୍ନ ବ୍ୟବସ୍ଥା କରାଯାଇଛି । ଜିଲ୍ଲାରେ ମତ୍ସ୍ୟ ଓ ଛେଳି ଚାଷ କରିବା ପାଇଁ ଭଲ ପରିବେଶ ଥିବାରୁ ଜିଲ୍ଲାବାସୀଙ୍କୁ ତାହା କରିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କୁ ବିଭିନ୍ନ ଚାଷ କରିବା ପାଇଁ ପ୍ରାଥମିକ ଭାବେ ସୁଯୋଗ ଦିଆଯିବା ସହିତ ଜିଲ୍ଲାର ସମସ୍ତ ଚାଷୀଙ୍କୁ ନୁତନ ଜ୍ଞାନକୌଶଳ ମାଧ୍ୟମରେ ମତ୍ସ୍ୟ ଓ ପଶୁପାଳନ କଲେ ଅଧିକ ଲାଭବାନ ହୋଇପାରିବ ବୋଲି ଅତିଥିମାନେ କହିଥିଲେ । ଜିଲ୍ଲାପାଳ ମୁନୀନ୍ଦ୍ର ହୋନନାଗାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟର ଡିନ୍ ଡ଼.ରାଜକିଶୋର ସ୍ୱାଇଁ ମଞ୍ଚାସୀନ ଥିଲେ । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ଼ା. ତୁଷାରେନ୍ଦୁ ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ମତ୍ସ୍ୟ ଅଧିକାରୀ ନିରୋଦ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ମେଳା ଦୁଇ ଦିନ ଧରି ଅନୁଷ୍ଠିତ ହେବ । ଏହି ମେଳାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ଓ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟକ୍ରମର ପ୍ରଦର୍ଶନୀ ଆୟୋଜିତ ହେବା ସାଙ୍ଗକୁ ଜୀବନ୍ତ ପ୍ରାଣୀ ସମ୍ପଦ ବିକାଶ ସମ୍ବନ୍ଧରେ ଆଲୋଚନା କରଯାଇଥିଲା । ଏହି ଅବସରରେ ଜିଲ୍ଲାର ୬ଜଣ ସଫଳ ଚାଷୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି । ଏହି ମେଳାରେ ଉଦ୍ୟାନ, ମୃତ୍ତିକା ସଂରକ୍ଷଣ , ପଶୁ ସମ୍ପଦ, ମତ୍ସ୍ୟ ବିଭାଗ, ମିଶନ ଶକ୍ତି, କୃଷି , ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଓ ଜିଲ୍ଲା ଶିଳ୍ପ କେନ୍ଦ୍ରର ଇତ୍ୟାଦି ୨୦ ଷ୍ଟଲ୍ ଖୋଲାଯାଇ ଚାଷୀଙ୍କୁ ସଚେତନତା କରଯାଇଛି । ଏନେଇ ପାରଳାଖେମୁଣ୍ଡି ବିଧାୟକ ଶ୍ରୀ ପାଣିଗ୍ରାହୀ କହିଛନ୍ତି ଯେ ଆଜି ବି ଚାଷୀମାନେ ଶୋଷଣର ଶିକାର ହେଉଛନ୍ତି । ଯେପରିକି ଗୋଶାଳା ପାଇଁ ଯେଉଁ ଯୋଜନା ରହିଛି ତାକୁ ପ୍ରୋତ୍ସାହନ ନଦେବା ଯୋଗୁଁ ଗୋପାଳନ କରୁଥିବା ଚାଷୀ ଆଜି ବି ବାହାରେ ଗୁହାଳ କରୁଛନ୍ତି । ଯଦ୍ୱାରା ପ୍ରାଣୀସମ୍ପଦ ବିପଦରେ ପଡୁଛି ଏବଂ ଚାଷୀ ଉପକୃତ ହୋଇପାରୁ ନାହାନ୍ତି । ସେହିପରି ଆନ୍ଧ୍ର ଜିଲ୍ଲାରୁ ଖୀର ଆନ୍ଧ୍ରକୁ ବିକ୍ରି କରାଯାଉଛି । ଏପରି ବିଭିନ୍ନ ସମସ୍ୟା ଯୋଗୁଁ ଜିଲ୍ଲାରେ ପ୍ରାଣୀ ପାଳକ ଓ ମତ୍ସ୍ୟ ଚାଷୀ ମାନଙ୍କ ଉନ୍ନତି ଘଟୁ ନାହିଁ । ଯାହାକୁ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେବା ଉଚିତ । ଆଜିର ଏହି କାର୍ଯ୍ୟକ୍ରମରେ ଗୁମ୍ମା ପଞ୍ଚାୟତ ସମିତି ଅଧକ୍ଷା ସୁନେମି ମଣ୍ଡଳଙ୍କ ସମେତ ବିଭିନ୍ନ ବ୍ଲକ୍ ର ଚାଷୀ, ପ୍ରାଣୀ ଚିକିତ୍ସା ବିଭାଗ ଓ ମତ୍ସ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

